# IQAC SEMINAR ON 2ND MARCH 2021

## କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ଗୁଣବତ୍ତା ଦୃଢୀକରଣ ବିଭାଗର ଆଲୋଚନା ଚକ୍ର



କେନ୍ଦ୍ରାପଡ଼ା, ୨।୩ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ସମ୍ମିଳନୀ ଗୃହରେ ମହାବିଦ୍ୟାଳୟ ଆଭ୍ୟନ୍ତର ଗୁଣବତ୍ତା ଦୃଢୀକରଣ ବିଭାଗ ପକ୍ଷରୁ ଅଧ୍ୟକ୍ଷ ଡଃ ରାଜେନ୍ଦ୍ରପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ମଙ୍ଗଳବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ବିଷୟ ବିଶେଷଜ୍ଞ ଭାବରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗର ପ୍ରାକ୍ତନ ପ୍ରଫେସର ଓ ନାକ୍ ଟିମର ସଦସ୍ୟ ଡଃ ସୁସ୍ମିତ ପାଣି ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସେ କହିଥିଲେ ଯେ ଆମେ ଯଦି ଆମ ମୌଳିକ କାମ କରିବା ଗୁଣବତ୍ତା ଆବଶ୍ୟ ବଢ଼ିବ । କଲେଜର ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ଯେ ତୁମେମାନେ ଆମର ସମ୍ପଦ । ଯଦି ଆମେ ଦୁର୍ବଳ ଦିଗକୁ ଅଧିକ ଧ୍ୟାନ ଦେବା ତେବେ ଆମେ ଆଗକୁ ଯାଇପାରିବା । ଆମେ ନିଷ୍ଠାର ସହ କାର୍ଯ୍ୟକଲେ ଭଲ ଗ୍ରେଡ ହାସଲ କରିପାରିବା । କଲେଜକୁ ନାକ୍ ତରଫରୁ ଦୁଇଥର 'ଏ' ଗ୍ରେଡ ମିଳିସାରିଛି । ତୃତୀୟ ଥର ନୂତନ ବ୍ୟବସ୍ଥାରେ ଯାଞ୍ଚ ଅଧିକ କଠୋର ହେଲେ ସୁଦ୍ଧା ଏହି କଲେଜ 'ଏ' ଗ୍ରେଡ ପାଇବା ଅସମ୍ଭବ ନୁହେଁ । ପ୍ରତିବର୍ଷ କଲେଜକୁ ଗୁଣବତ୍ତା ଫର୍ମ ନାକ୍ ନିକଟରେ ଦାଖଲ କରିବାକୁ ପଡୁଛି । ପାଠ୍ୟ ଖସଡା ଓ ସମୁଦାୟ ଶୈକ୍ଷିକ ବ୍ୟବସ୍ଥାକୁ ନବୀକରଣ କରିବା ପାଇଁ ଡଃ ପାଣି ସୂଚନା ଦେଇଥିଲେ । ଗୁଣବତ୍ତା ଦୃଢୀକରଣ ବିଭାଗର ସଂଯୋଜକ ପ୍ରାଧ୍ୟାପକ ଡଃ ପ୍ରମୋଦକୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସଭାରେ ଗୁଣବତ୍ତା ବିଭାଗର ସଦସ୍ୟ ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା, ଡଃ ସେକ୍ ସମସୁର, ପ୍ରାଧ୍ୟାପକ ତପନକୁମାର ପତି, ଡଃ ଦେବେନ୍ଦ୍ର ଗୋଛାୟତ, ରାମଚନ୍ଦ୍ର ପାତ୍ର, ଡଃ ଜ୍ଞାନୀନ୍ଦ୍ର ଦାସ, ରଞ୍ଜିତକୁମାର ଦାସ, ଡଃ ସୁଚିସ୍ମିତା ବେହେରା, ଦେବକାନ୍ତ ଷଡଙ୍ଗୀ, ତୁଷାରକାନ୍ତ ଭୂୟାଁ, ଅଚ୍ୟୁତ ମହାରଣା, କୁମରବର ମଲ୍ଲିକଙ୍କ ସହିତ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ବିଶ୍ୱ ବିଦ୍ୟାଳୟ ଆୟୋଗର ସଂଯୋଜକ ଡଃ ପ୍ରଭାକର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।




Prof. Susmit Pani, Former Director DDCE, Utkal University, BBSR, Addressing the IQAC Seminar.




Dr. R.P. Tripathy, Principal, Dr. P.K. Das, Co-ordinator IQAC and Dr. P. Mallick Co-ordinator UGC are on the dais.



Audience Present in the IQAC Seminar.